# ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ, ନବରଙ୍ଗପୁର

## ବିଜ୍ଞାପନ

ପତ୍ର ନଂ. ୯୪ /୨୦୨୧

ତା. ୩୦.୪.୨୦୨୧

ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ,ନବରଙ୍ଗପୁର, ମୁଖ୍ୟ ରାସ୍ତାରେ ଖାଲିଥିବା ୦୯ (ନଅ) ଗୋଟି ଦୋକାନଗୃହକୁ ଆବଣ୍ଟନ କରିବାପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଇଚ୍ଛୁକ ଦରଖାସ୍ତକାରୀ www.nabarangpur.nic.in ୱେବ୍‌ସାଇଟକୁ ଯାଇ ଆବଣ୍ଟନର ସର୍ତ୍ତାବଳୀ ଓ ଆବେଦନ ଫର୍ମ **ତା. ୦୧.୦୫.୨୦୨୧ରିଖ ଠାରୁ ତା. ୧୫.୦୫.୨୦୨୧ରିଖ ଅପରାହ୍ନ ୫.୩୦(ପାଂଚ ଘଣ୍ଟା ତିରିଶି ମିନିଟ୍) ପର୍ଯ୍ୟନ୍ତ** ଡାଉନ୍‌ଲୋଡ କରିପାରିବେ ନଚେତ୍ ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ, ନବରଙ୍ଗପୁର କାର୍ଯ୍ୟାଳୟରୁ ଉପରୋକ୍ତ ସର୍ତ୍ତାବଳୀ ଓ ଆବେଦନ ଫର୍ମ ୫୦୦/- (ପାଂଚ ଶହ) ଟଙ୍କା ଜମାକରି **ତା. ୦୧.୦୫.୨୦୨୧ରିଖ ଠାରୁ ତା. ୧୫.୦୫.୨୦୨୧ରିଖ ଅପରାହ୍ନ ୫.୩୦(ପାଂଚ ଘଣ୍ଟା ତିରିଶି ମିନିଟ୍) ପର୍ଯ୍ୟନ୍ତ** ଅଫିସ କାର୍ଯ୍ୟ ଦିବସରେ ପାଇପାରିବେ। ଆବେଦନ ଫର୍ମ ସହିତ ଆବଶ୍ୟକୀୟ କାଗଜାଦି ସର୍ତ୍ତାବଳୀ ପ୍ରକାରେ ସଂଯୋଗକରି **ତା.୦୧.୦୫.୨୦୨୧ରିଖ ଠାରୁ ତା.୧୫.୦୫.୨୦୨୧ରିଖ ଅପରାହ୍ନ ୫.୩୦(ପାଂଚ ଘଣ୍ଟା ତିରିଶି ମିନିଟ୍)** ପର୍ଯ୍ୟନ୍ତ କେବଳ ରେଜେଷ୍ଟ୍ରୀ ଡାକ କିମ୍ବା କ୍ଷିପ୍ର ଡାକ ମାଧ୍ୟମରେ ସଂପାଦକ , ଆଂଚଳିକ ବାଣିଜ୍ୟ ସମିତି ଲିଃ ନବରଙ୍ଗପୁରଙ୍କ ଠିକଣାରେ ଗ୍ରହଣ କରାଯିବ। ପ୍ରକାଶ ଥାଉକି ଲଫାପା ଉପରେ **"ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ ମୁଖ୍ୟ ରାସ୍ତା ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର"** ଲେଖିବା ଅତ୍ୟନ୍ତ ଜରୁରୀ। ଧାର୍ଯ୍ୟ ସମୟପରେ ଆସିଥିବା ଦରଖାସ୍ତ ଗୁଡିକୁ ଗ୍ରହଣ କରାଯିବ ନାହିଁ। ସମୟସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଫର୍ମ ଗୁଡିକୁ **ତା. ୨୦.୦୫.୨୦୨୧ରିଖ ପୂର୍ବାହ୍ନ ୧୧.୦୦ଘଟିକା** ସମୟରେ ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଚୟନ କମିଟିଙ୍କ ଦ୍ୱାରା ଚୟନ କରାଯିବ।

**ସଂପାଦକ**
**ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ,ନବରଙ୍ଗପୁର**

**ପରିପତ୍ର ନଂ** ୯୫ **/୨୦୨୧**

**ତାରିଖ.** ୩୦.୪.୨୦୨୧

ଏହାର ଏକକିତାନକଲ ଉପନିବନ୍ଧକ,ସମବାୟ ସମିତି ସମୂହ, ଜୟପୁର ଖଣ୍ଡ, ଜୟପୁର, ଜିଲ୍ଲା- କୋରାପୁଟଙ୍କ ସଦୟ ଗୋଚରାର୍ଥେ ଜଣାଗଲା ତଥା ଗ୍ରହଣ କରାଯାଇଥିବା ଆବଣ୍ଟନ ଫର୍ମ ଗୁଡିକୁ **ତା. ୨୦.୦୫.୨୦୨୧ରିଖ ପୂର୍ବାହ୍ନ ୧୧.୦୦ (ଏଗାର) ଘଟିକା** ସମୟରେ ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ,ନବରଙ୍ଗପୁର କାର୍ଯ୍ୟାଳୟରେ ଉପସ୍ଥିତ ରହି ଯାଂଚ କରି ଚୟନ କରିବାପାଇଁ ଅନୁରୋଧ କରାଗଲା।

**ସଂପାଦକ**
**ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ,ନବରଙ୍ଗପୁର**

**ପରିପତ୍ର ନଂ** ୯୬ **/୨୦୨୧**

**ତାରିଖ.** ୩୦.୪.୨୦୨୧

ଏହାର ଏକକିତାନକଲ ନିବନ୍ଧକ, ସମବାୟ ସମିତି ସମୂହ, ଓଡିଶା ଭୁବନେଶ୍ୱରଙ୍କ ସଦୟ ଗୋଚରାର୍ଥେ ଜଣାଗଲା।

**ସଂପାଦକ**
**ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ,ନବରଙ୍ଗପୁର**

ଅ.ପୃ.ଦ୍ରଷ୍ଟବ୍ୟ...

**ପରିପତ୍ର ନଂ ୧୧ /୨୦୨୧**

**ତାରିଖ.** ୩୦.୪.୨୦୨୧

ଏହାର ଏକକିତାନକଲ D.I.O, NIC, ନବରଙ୍ଗପୁରଙ୍କ ଗୋଚରାର୍ଥେ ତଥା District Web Portal ରେ ତା. ୦୧.୦୫.୨୦୨୧ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ତା.୧୫.୦୫.୨୦୨୧ରିଖ ଅପରାହ୍ନ ୫ ଘ .୩୦ ମିନିଟ୍ ପର୍ଯ୍ୟନ୍ତ ପ୍ରକାଶିତ କରିବାପାଇଁ ଅନୁରୋଧ କରାଗଲା ।

**ସଂପାଦକ**
**ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ,ନବରଙ୍ଗପୁର**

ପରିପତ୍ର ନଂ ୧୨ /୨୦୨୧

ତାରିଖ. ୩୦.୪.୨୦୨୧

ଏହାର ଏକକିତାନକଲ ସହକାରୀ ନିବନ୍ଧକ ସମବାୟ ସମିତି, ନବରଙ୍ଗପୁରଙ୍କ ଗୋଚରାର୍ଥେ ତଥା ଗ୍ରହଣ କରାଯାଇଥିବା ଆବର୍ଣ୍ଣନ ଫର୍ମ ଗୁଡିକୁ **ତା. ୨୦.୦୫.୨୦୨୧ରିଖ ପୂର୍ବାହ୍ନ ୧୧.୦୦ (ଏଗାର) ଘଟିକା** ସମୟରେ ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ,ନବରଙ୍ଗପୁର କାର୍ଯ୍ୟାଳୟରେ ଉପସ୍ଥିତ ରହି ଯାଂଚ କରି ଚୟନ କରିବାପାଇଁ ଅନୁରୋଧ କରାଗଲା ।

**ସଂପାଦକ**
**ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲିଃ,ନବରଙ୍ଗପୁର**

# ମୁଖ୍ୟ ରାସ୍ତା, ନବରଙ୍ଗପୁରରେ ନୂତନ ଦୋକାନଗୃହ ଆବଣ୍ଟନର ସର୍ତ୍ତାବଳୀ

୧. ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁର, ନବରଙ୍ଗପୁର ଦ୍ୱାରା ଦୋକାନ ଆବଣ୍ଟନ କ୍ଷେତ୍ରରେ ପ୍ରଥମେ ପୁରାତନ ଓ ଅମାନତ ଦେଇଥିବା ବ୍ୟବସାୟୀଙ୍କୁ ଅଗ୍ରାଧିକାର ଦେବା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ।

୨. ଆବେଦନକାରୀ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ ଆବଶ୍ୟକ ଫର୍ମରେ ଆବେଦନ କରିବେ। ସର୍ତ୍ତାବଳୀଠାରୁ ଅଧିକ ତଥ୍ୟ ଗ୍ରହଣ ଯୋଗ୍ୟ ହେବନାହିଁ ।

୩. ଜଣେ ବ୍ୟକ୍ତି କେବଳ ଗୋଟିଏ ଦୋକାନଗୃହ ପାଇଁ ଆବେଦନ କରିପାରିବେ।

୪. ଗୋଟିଏ ଦୋକାନଗୃହ ପାଇଁ ଏକାଧିକ ଦରଖାସ୍ତ ଆସିଲେ ଉକ୍ତ ଦୋକାନଗୃହ ଗୁଡିକୁ ଲଟେରୀ ମାଧ୍ୟମରେ ବଣ୍ଟନ କରାଯିବ।

୫. ଦୋକାନ ଗୃହ ଗୁଡିକର ଚୁକ୍ତିନାମା ଅବଧି ଏକ ବର୍ଷ ରହିବ। ସଂପୃକ୍ତ Allottee ଅବଧି ସରିବାର ଏକମାସ ପୂର୍ବରୁ ଚୁକ୍ତିନାମା ନବୀକରଣ କରିବେ ନଚେତ ତାଙ୍କର ଚୁକ୍ତିନାମାକୁ ରଦ୍ଦ କରାଯିବ।

୬. ଆବଣ୍ଟନ ହେଉଥିବା ଦୋକାନ ଗୃହ ଗୁଡିକରେ କୌଣସି ପ୍ରକାର ନିଶାଦ୍ରବ୍ୟ ଏବଂ ଆମିଷ ଦୋକାନ ଖୋଲାଯାଇ ପାରିବ ନାହିଁ ।

୭. ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁର ପ୍ରତିବର୍ଷ ଦୋକାନଗୃହର ଭଡା ୧୦ପ୍ରତିଶତ ବୃଦ୍ଧି କରିବାର କ୍ଷମତା ରହିବ।

୮. ଦୋକାନଗୃହ ଆବଣ୍ଟନ ହୋଇଥିବା ବ୍ୟକ୍ତି ବିଶେଷ ନିଜ ଖର୍ଚ୍ଚରେ ଦୋକାନର ବିଦ୍ୟୁତ ମିଟର ସ୍ଥାପନ କରିବେ ଓ ବିଦ୍ୟୁତ ଦେୟ ନିୟମିତ ପୈଠ କରିବେ ଦୋକାନଗୃହ ଗୁଡିକୁ ନିଜର ସଂପତି ଭାବି ପରିଷ୍କାର ପରିଚ୍ଛନ୍ନ ରଖିବେ। ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁର ବିନାଅନୁମତିରେ ଷ୍ଟଲର କୌଣସି ଅଂଶ ବଦଳାଇ ପାରିବେ ନାହିଁ।

୯. ଆବଣ୍ଟନ ବ୍ୟକ୍ତି ବିଶେଷଙ୍କର ଦେହାନ୍ତ ହେଲେ ତାଙ୍କର ଉତରାଧିକାରୀଙ୍କୁ ଆବଶ୍ୟକୀୟ ପ୍ରମାଣପତ୍ର ପ୍ରଦାନ ପରେ ପୁନର୍ବାର ଚୁକ୍ତିନାମା ପାଇଁ ପଦକ୍ଷେପ ନିଆଯିବ।

୧୦. ଯଦି କୌଣସି ବ୍ୟକ୍ତି ଦୋକାନଗୃହର ମାସିକ ଭଡା ଜମା ନ କରି କ୍ରମାନ୍ୱୟରେ ୧୮୦ଦିନ ଦୋକାନ ବନ୍ଦ କରିରଖିଥାନ୍ତି ତାହେଲେ ତାଙ୍କର ଚୁକ୍ତିନାମାକୁ ରଦ୍ଦ କରାଯାଇ ଦୋକାନଗୃହର ଚାବିକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଙ୍ଗାଯାଇ ଗଚ୍ଛିତ ଥିବା ଦ୍ରବ୍ୟକୁ ସର୍ବସାଧାରଣରେ ନିଲାମ କରାଯିବ ଏବଂ ବାକିଥିବା ଦୋକାନ ଗୃହର ଭଡାକୁ ଅମାନତ ଟଙ୍କାରୁ ଭରଣା କରାଯିବ।

୧୧. ଚୁକ୍ତିନାମା ପ୍ରକାରେ ଗ୍ରାହକ ନିଜ ଦୋକାନ ଘରକୁ ଅନ୍ୟକୁ ହସ୍ତାନ୍ତର କରିପାରିବେ ନାହିଁ।

**୧୨. ମାସିକ ଭଡାପାଇଁ ଦୋକାନପିଛା ୪,୫୦୦/-ଟଙ୍କା ଧାର୍ଯ୍ୟକରାଯାଇଅଛି ।**

୧୩. ଇଚ୍ଛୁକ ଗ୍ରାହକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାଗଜାଦି ମୂଲ୍ୟ ଜମା ବାବଦକୁ ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁର କାର୍ଯ୍ୟାଳୟରେ ୫୦୦/- ଟଙ୍କା ଜମାକରି ଆବଶ୍ୟକୀୟ ସର୍ତ୍ତାବଳୀ ଏବଂ ଆବେଦନ ପତ୍ର ପାଇପାରିବେ କିମ୍ବା www.nabarangpur.nic.in ୱେବସାଇଟରେ ସର୍ତ୍ତାବଳୀ ଓ ଆବେଦନ ପତ୍ର ଡାଉନ୍‌ଲୋଡ କରି ଉପଲବ୍ଧ ଆବେଦନ ଫର୍ମ ପୁରଣ କରି ଟ.୫୦୦ଙ୍କା ର ବ୍ୟାଙ୍କ ଡ୍ରାଫଟ୍ (ନବରଙ୍ଗପୁରର ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ) ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁରଙ୍କ ନାମରେ କରିବେ। ଆବେଦନ ଫର୍ମ ସହିତ ୫୦୦/-ଟଙ୍କାର ରସିଦ କିମ୍ବା ବ୍ୟାଙ୍କ ଡ୍ରାଫଟ ସଂଯୋଗ କରି ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁରଙ୍କ ଠିକଣାରେ ରେଜିଷ୍ଟ୍ରୀ ଡାକ କିମ୍ବା କ୍ଷିପ୍ର ଡାକ ମାଧ୍ୟମରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରେରଣ କରିବେ । ଏହି ଟଙ୍କା ଫେରସ୍ତ ଯୋଗ୍ୟନୁହେଁ । ଏତଦ୍‌ବ୍ୟତୀତ ଆବଣ୍ଟନ ପ୍ରକ୍ରୀୟାରେ ଚୟନ ହୋଇଥିବା ଗ୍ରାହକ ନିମ୍ନସ୍ୱାକ୍ଷରକାରୀଙ୍କ ପତ୍ର ପାଇବାର ୭(ସାତ)ଦିନ ମଧ୍ୟରେ ଅମାନତ ଜମା ବାବଦକୁ ଟ.୧,୨୦,୦୦୦/- (ଏକ ଲକ୍ଷ କୋଡିଏ ହଜାର)ଟଙ୍କା ସ୍ଥାନୀୟ ଜାତୀୟ କରଣ ବ୍ୟାଙ୍କ ଡ୍ରାଫଟ୍ ମାଧ୍ୟମରେ **ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁରଙ୍କ** ନାମରେ ଦାଖଲ କରିବେ । ଉକ୍ତ ଅମାନତ ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ଜମା ନକଲେ ତାଙ୍କୁ ଚୟନ ପ୍ରକ୍ରୀୟାରୁ ବାଦ ଦିଆଯିବ।

୧୪. ପ୍ରକାଶ ଥାଉକି ଲଫାପା ଉପରେ "**ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁର ମୁଖ୍ୟ ରାସ୍ତା ନୂତନ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର** ଲେଖିବା ଅତ୍ୟନ୍ତ ଜରୁରୀ।

୧୫. କୌଣସି କାରଣ ନଦର୍ଶାଇ ଏହି ଆବଣ୍ଟନ ପ୍ରକ୍ରୀୟା ଯେ କୌଣସି ସମୟରେ "ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁର ରଦ୍ଦ ବା ନାକଚ କରିପାରିବେ।

**ସଂପାଦକ**

**ଆଂଚଳିକ ବାଣିଜ୍ୟ ସମବାୟ ସମିତି ଲି଼,ନବରଙ୍ଗପୁର**

# ନବରଙ୍ଗପୁର ମୁଖ୍ୟ ରାସ୍ତାର ନୂତନ ଦୋକାନ ଗୃହ ଆବଣ୍ଟନ ନିମନ୍ତେ

## ଆବେଦନ ପତ୍ର

୧. ଆବେଦନକାରୀଙ୍କ ନାମ :-

୨. ପିତା ବା ସ୍ୱାମୀଙ୍କ ନାମ :-

୩. ଯୋଗାଯୋଗ ଠିକଣା :-

୪. ସ୍ଥାୟୀ ଠିକଣା :-

୫. ମୋବାଇଲ /ଟେଲିଫୋନ ନମ୍ବର / e-Mail ID:-

୬. ଭୋଟ ପରିଚୟ ପତ୍ର / ଆଧାରକାର୍ଡ଼ (ନକଲ ସଂଲଗ୍ନ କରନ୍ତୁ) :-

୭. କେଉଁ ଦୋକାନ କରିବାକୁ ଚାହୁଁଛନ୍ତି :-

୮. ଦୋକାନ ଗୃହର କ୍ରମିକ ନଂ (ସଂଖ୍ୟାରେ ଓ ଅକ୍ଷରାଙ୍କେ):-

୯. ଆଗରୁ ଆପଣଙ୍କ ନାମରେ ଆଂଚଳିକ ବାଣିଜ୍ୟ ସମବାୟ ସମିତି ଦ୍ୱାରା ଦୋକାନ ଗୃହ ଆବଣ୍ଟନ ହୋଇଥିଲା କି ? :-

୧୦. କାଗଜାଦି ମୂଲ୍ୟ ଜମା ଟ.୫୦୦/- ଡ୍ରାଫଟ୍ ନଂ__________ ତାରିଖ________ କିମ୍ବା କାର୍ଯ୍ୟାଳୟର ରସିଦ ନଂ________ ତାରିଖ _________(ଫେରସ୍ତ ଯୋଗ୍ୟ ନୁହେଁ)

**ଏତଦ୍ ଦ୍ୱାରା ମୁଁ ଘୋଷଣା କରୁଅଛି ଯେ, ମୋ ଦ୍ୱାରା ପ୍ରଦତ୍ତ ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଯଦି ଭବିଷ୍ୟତରେ ଏହା ଭୁଲ୍ ପ୍ରମାଣିତ ହୁଏ ମୋ ବିରୁଦ୍ଧରେ ଆବଶ୍ୟକ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଦାୟୀ ରହିବି ।**

ସ୍ଥାନ:-

ତାରିଖ:-

ଦରଖାସ୍ତ କାରୀଙ୍କ ସ୍ୱାକ୍ଷର